# ବାଲଗୋପାଳଙ୍କୁ ପ୍ରଶାସନର ଅସମ୍ମାନ ନେଇ ଅସନ୍ତୋଷ

ବଲାଙ୍ଗିର,୩୦।୫(ସମିସ)



ବଲାଙ୍ଗିର ଜିଲ୍ଲାର ଜଣେ ବରିଷ୍ଠ ରାଜନେତା ତଥା ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ରଙ୍କୁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅସମ୍ମାନ ଘଟଣାକୁ ନେଇ ଜିଲ୍ଲାର ବିଭିନ୍ନ କୋଶଳ ସଙ୍ଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୮୫ ବର୍ଷ ବୟସରେ ବି ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଜଣେ ସାଂସଦଙ୍କୁ ଏହିଭଳି ଭାବେ ଅସମ୍ମାନ ପ୍ରଦର୍ଶନ କରାଯିବା ନିହାତି ଭାବେ ଅସମ୍ମାନର ବିଷୟ ହୋଇଥିବା ବେଳେ ପ୍ରଶାସନ ନିଜ ଭୁଲ୍‌କୁ ସ୍ୱୀକାର କରିବାକୁ ସଙ୍ଗଠନର କର୍ମକର୍ତ୍ତା ଦାବି କରିଛନ୍ତି।

ଗତ ୨୫ ତାରିଖରେ ଆଗଲପୁର ବ୍ଲକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ମିଶ୍ର କିଛି ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଧାନ ବିକ୍ରି ସମସ୍ୟା ସହ ଅନ୍ୟ କିଛି ଆଞ୍ଚଳିକ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଜଣାଇବା ସହ ତାହାର ସମାଧାନ କରିବା ପାଇଁ ସେ ଦାବି କରିଥିଲେ। ଏହି ସମୟରେ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ତେବେ ଜିଲ୍ଲାପାଳ ନିଜେ ବସି ତାଙ୍କ ସହ ଆଲୋଚନା କରୁଥିବା ବେଳେ ଜଣେ ବରିଷ୍ଠ ଜନପ୍ରତିନିଧି ତଥା ପୂର୍ବତନ ସାଂସଦଙ୍କୁ ସୌଜନ୍ୟତା ଦୃଷ୍ଟିରୁ ବସି ଆଲୋଚନା କରିବାକୁ ମଧ୍ୟ ସେ କହି ନ ଥିଲେ। ଯାହାକି ତାଙ୍କ ସମର୍ଥକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କୁ କୁଠାରଘାତ କରିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ପୂର୍ବତନ ସାଂସଦଙ୍କୁ ଏତାଦୃଶ ବ୍ୟବହାରକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ୮୫ ବର୍ଷ ବୟସରେ ଲୋକଙ୍କ ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହେବାକୁ ଯାଇଥିବା ଶ୍ରୀ ମିଶ୍ର ଥରେ ସାଂସଦ ଭାବେ ନିର୍ବାଚିତ ହୋଇଥିବା ବେଳେ ଲୋଇସିଂହା ବିଧାନସଭା ଆସନରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସେହି ସମୟରେ ତାଙ୍କ ପତିଆରା ଓ ପ୍ରଦର୍ଶନ ଯୋଗୁଁ ତାଙ୍କ ପ୍ରତି ଲୋକଙ୍କ ଯଥେଷ୍ଟ ସମ୍ମାନ ରହିଥିଲା। ଆଜି ବି ତାଙ୍କର ବହୁ ସଂଖ୍ୟାରେ ସମର୍ଥକ ରହିଛନ୍ତି। ତେବେ ତାଙ୍କ ପ୍ରତି ଏହିଭଳି ବ୍ୟବହାରକୁ ନେଇ ଜିଲ୍ଲାର ବିଭିନ୍ନ କୋଶଳ ଆନ୍ଦୋଳନ ସଙ୍ଗଠନ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀ

### ଭୁଲ୍ ସ୍ୱୀକାର କରିବାକୁ କୋଶଳ ସଙ୍ଗଠକଙ୍କ ଦାବି

ମିଶ୍ର କୋଶଳ ଆନ୍ଦୋଳନ ଆରମ୍ଭରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଲ ତାଙ୍କ ପ୍ରତି ହୋଇଥିବା ବ୍ୟବହାର ଓ ଅସମ୍ମାନ ପ୍ରଦର୍ଶନକୁ ପ୍ରଶାସନ ସ୍ୱୀକାର କରୁ। ଘଟଣାର ତଦନ୍ତ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ସାମ୍ବାଦିକ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ସଙ୍ଗଠନର କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୋଶଳ ସଙ୍ଗଠକ କସ୍ତୁବ ସାହୁ, ସିପୁନ ଖମାରୀ, ବିକାଶ ସା, ସରୋଜ ପଧାନ, ଯଦୁମଣି କୁଦେଇ, ଜିତୁ ନାଏକ, ଯୋଗେନ୍ଦ୍ର କର୍ମୀ, ଡୋଲାମଣି ସାହୁ, ପ୍ରୀତିଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଖାନାରେ ଅସୁସ୍ଥ ମହିଳାଙ୍କୁ ଭେଟିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ଖପ୍ରାଖୋଲ,୩୦।୫(ସମିସ): ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ ଜଣେ ଅସୁସ୍ଥ ମହିଳାଙ୍କୁ ଭେଟିଛନ୍ତି। ଘୁନସର ପଞ୍ଚାୟତର ଚର୍ଚ୍ଚିତ ଚଟରାଭଟା ଗାଁ କୋଶଳପଡ଼ାର ରୋହିତ ଧାରୁଆଙ୍କ ସ୍ତ୍ରୀ ସୀମା ଧରୁଆ ଡାକ୍ତରରେଖାନାରେ ଚିକିତ୍ସିତ ହେଉଛନ୍ତି। ୪ଦିନ ତଳେ ସୀମାଙ୍କୁ ଡାକ୍ତରଖାନା ଆଣିବାକୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ଗାଁକୁ ଯାଇଥିଲା; ହେଲେ ରାସ୍ତା ସମସ୍ୟା ହେତୁ ପ୍ରାୟ ୩ କିମି ଦୂରରେ ଗାଡି ଅଟକି ରହିଥିଲା। ଏହାପରେ ସୀମାଙ୍କୁ ତାଙ୍କ ସ୍ୱାମୀ ଚଳାଇ ଚଳାଇ କିଛି ବାଟ ଆଣିଥିଲେ। ଏପଟୁ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚର ଧରି ଚାଲି ଚାଲି ଅଧାବାଟ ପର୍ଯ୍ୟନ୍ତ ଯାଇଥିଲେ। ଏହାପରେ ସୀମାଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ବୋହି ଅଣା ଯାଇଥିଲା। ଡାକ୍ତରଖାନାରେ କିନ୍ତୁ ସେ ଜାଆଁଳା ଶିଶୁ ଜନ୍ମ ଦେଇଥିଲେ। ଦୁଇ ଶିଶୁ କିନ୍ତୁ ଆଖି ବୁଜିଥିଲେ। ଏହି ଘଟଣା ପରେ ବ୍ଲକ୍ ପ୍ରଶାସନ ପଡ଼ାକୁ ଯାଇ ସ୍ଥିତି ପରଖିଛି। ଶ୍ରୀ ଧୁରୁଆ ମଧ୍ୟ କୋଶଳପଡ଼ାରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ।



# କଣ୍ଟାବାଞ୍ଜିରେ ବେଧଡ଼କ କ୍ରିକେଟ ବେଟିଂ କାରବାର

### ବରବାଦ ହେଉଛନ୍ତି ଯୁବପିଢ଼ି

### ସାମାଜିକ କର୍ମୀ ପ୍ରଶାସନ ଦ୍ୱାରସ୍ଥ

କଣ୍ଟାବାଞ୍ଜି,୩୦।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଆଇପିଏଲ କ୍ରିକେଟ ମ୍ୟାଚକୁ ନେଇ ବେଧଡକ ଭାବେ ବେଟିଂ ଚାଲିଛି। ବାରମ୍ବାର ଖବର ପ୍ରକାଶିତ ହେବା ପରେ ମଧ୍ୟ ସ୍ଥାନୀୟ ପୁଲିସ ନିରବ ହରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଏଭଳି ବେଆଇନ ଜୁଆ ଆଡ୍ଡାରେ ପୁଲିସ ଚଢଉ କରି ମାମଲା ରୁଜୁ କରେ। କଣ୍ଟାବାଞ୍ଜି ସହରରେ ଆଶିଷ ଓ ହରିଶ ନାମକ ଦୁଇ ଯୁବକ ବେଆଇନ କ୍ରିକେଟ ବେଟିଂ ସାମ୍ରାଜ୍ୟ ଚଳାଇଛନ୍ତି। ଏମାନଙ୍କୁ କାବୁ କରିବାକୁ ପୁଲିସ ପଛଘୁଞ୍ଚା ଦେଉଛି। ଏନେଇ କଣ୍ଟାବାଞ୍ଜି ଅଞ୍ଚଳର ଜଣେ ସାମାଜିକ କର୍ମୀ କଣ୍ଟାବାଞ୍ଜିରେ ଆଶିଷ ଓ ହରିଶ ଚଳାଇଥିବା ବେଧଡକ ବେଟିଂକୁ ନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ରାଜ୍ୟ ସରକାରଙ୍କ ଗୃହ ବିଭାଗ, ପୁଲିସ ମହାନିର୍ଦ୍ଦେଶକ ଏବଂ ବଲାଙ୍ଗୀର ଏସପିଙ୍କୁ ଅଭିଯୋଗ କରିଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳର ଯୁବପିଢ଼ିଙ୍କ କ୍ରୀଡ଼ା ପ୍ରତି ଆଗ୍ରହ ଥିବା ସୁଯୋଗ ନେଇ ଆଶିଷ ଓ ହରିଶ ଟଙ୍କାର ପ୍ରଲୋଭନ ଦେଖାଇ ସେମାନଙ୍କୁ ଜୁଆଡି ସଜାଉଛନ୍ତି।

ସିଧାସଳଖ ଇଣ୍ଟରନେଟ ମାଧ୍ୟମରେ ବେଟିଂ କାରବାର ଚାଲୁଛି। ଏହା ଉପରେ ତୁରନ୍ତ ନଜର ଦେଇ ବେଆଇନ କ୍ରିକେଟ ବେଟିଂ କାରବାର କରୁଥିବା ଦୁଇ ଜଣ ଗଦିଦାରଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ କରିଛନ୍ତି। ତେବେ ଆଶିଷ ଜୟପୁର ରହିଥିବା ବେଳେ ସହଯୋଗୀ ହରିଶ କଣ୍ଟାବାଞ୍ଜିରେ ଥିବା ସତ୍ତ୍ୱେ ପୁଲିସ ତା ଉପରେ କାର୍ଯ୍ୟାନୁଷ୍ଠାନ ନେଉନି। ପୁଲିସର ଏମାନଙ୍କ ସହ ସତେ ଯେମିତି ଭିତିରିଆ ବୁଝାମଣା ହୋଇଛି। ଏନେଇ କଣ୍ଟାବାଞ୍ଜି ଥାନା ଅଧିକାରୀଙ୍କୁ ପଚାରିବାରୁ ଏହି ଘଟଣା ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପଞ୍ଚାୟତ ମୁଖ୍ୟାଳୟରେ ହାଇସ୍କୁଲ ପାଇଁ ମନ୍ତ୍ରୀଙ୍କୁ ପତ୍ର

ଦେଓଗାଁ,୩୦।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ହାତୀସରା ପଞ୍ଚାୟତ ମୁଖ୍ୟାଳୟରେ ହାଇସ୍କୁଲ ଖୋଲିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ହାତୀସରା ଗାଁରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେବା ଅବସରରେ ଶ୍ରୀ ମିଶ୍ରଙ୍କୁ ପଞ୍ଚାୟବାସୀ ହାଇସ୍କୁଲ ସମସ୍ୟା ନେଇ ଅବଗତ କରିଥିଲେ। ହାତୀସରା ଓ ନାଇକେନସୀରା ଗାଁର ଛାତ୍ରଛାତ୍ରୀ ରାଜପଥ ଅତିକ୍ରମ କରି ବିପଦପୂର୍ଣ୍ଣ ଭାବେ ଦେଓଗାଁ ଓ କୁତୁର୍ଲା ହାଇସ୍କୁଲକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ପ୍ରତି ପଞ୍ଚାୟତରେ ହାଇସ୍କୁଲ ଖୋଲିବା ନିୟମ ଅନୁସାରେ ହାତୀସରା ପଞ୍ଚାୟତରେ ମଧ୍ୟ ଗୋଟିଏ ହାଇସ୍କୁଲ ଖୋଲିବା କଥା। ଏଣୁ ପଞ୍ଚାୟତ ମୁଖ୍ୟାଳୟରେ ହାଇସ୍କୁଲ ଖୋଲିବା ପାଇଁ ଲୋକେ ଦାବି ଉପସ୍ଥାପନ କରିଥିଲେ। ପଞ୍ଚାୟତବାସୀଙ୍କ ଦାବିକୁ ଗୁରୁତ୍ୱ ମନେ କରି ଶ୍ରୀ ମିଶ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପତ୍ର ମାଧ୍ୟମରେ ହାଇସ୍କୁଲ ଖୋଲିବା ଦିଗରେ ପଦକ୍ଷେପ ନେବାକୁ ଜଣାଇଛନ୍ତି। ବିଦ୍ୟାର୍ଥୀମାନେ ଜାତୀୟ ରାଜପଥ ଦେଇ ୩ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ଦେଓଗାଁ ହାଇସ୍କୁଲକୁ ପାଠ ପଢ଼ିବା ପାଇଁ ଯିବା ବିପଦପୂର୍ଣ୍ଣ ସାଜିଛି। ଏଣୁ ଏଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କଲେ ପଞ୍ଚାୟତବାସୀଙ୍କ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ରତାଖଣ୍ଡି-ଆଟଗାଁ ରାସ୍ତାର ତେଲନଦୀରେ ନିର୍ମାଣ ହେବ ପୋଲ

ଦେଓଗାଁ,୩୦।୫(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଗୌରଗୋଠ ପଞ୍ଚାୟତ ରତାଖଣ୍ଡିଠାରୁ ଗୁଡଭେଲା ବ୍ଲକ୍ ମାଡେକେଲା ଓ ଆଟଗାଁକୁ ସଂଯୋଗ କରିବାକୁ ତେଲନଦୀରେ ଏକ ପୋଲ ନିର୍ମାଣ କରାଯିବ। ୬୧୫ ମିଟର ଲମ୍ବା ବିଶିଷ୍ଟ ଏହି ପୋଲ ପାଇଁ ପ୍ରାୟ ୭୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏଥିପାଇଁ ଅନୁମୋଦନ ମଧ୍ୟ ମିଳି ସାରିଛି। ସେତୁ ବନ୍ଧନ ଯୋଜନାରେ ରାଜ୍ୟର ୨୦ଟି ବ୍ରିଜ ନିର୍ମାଣ ପାଇଁ ସରକାର ଅନୁମୋଦନ କରିଛନ୍ତି। ଏଥିରେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ୨ଟି, ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ୩ଟି ଓ ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଗୋଟିଏ ବ୍ରିଜ ନିର୍ମାଣ ପାଇଁ ଅନୁମୋଦନ ମିଳିଛି।

ଦେଓଗାଁ ଓ ଗୁଡଭେଲା ବ୍ଲକ୍‌ବାସୀ ଅନେକ ଦିନ ହେଲା ଏହି ସ୍ଥାନରେ ବ୍ରିଜ ନିର୍ମାଣ ପାଇଁ ଦାବୀ କରିଆସୁଥିଲେ। ଏହି ବ୍ରିଜ ନିର୍ମାଣ ହେଲେ ବଲାଙ୍ଗିର ଜିଲ୍ଲାର ସହର ସମେତ ଗୁଡଭେଲା ବ୍ଲକର ଗୁଡଭେଲା, ଘୁନା, ବିରାମୁଣ୍ଡା, ଜାମୁଟ, ଗମ୍ଭାରୀଗୁଡା, ମାଡ଼େକେଲା ପଞ୍ଚାୟତ ସହ ପ୍ରାୟ ୭ଟି ପଞ୍ଚାୟତର ଲୋକ ଗମନାଗମନ ସୁବିଧା ପାଇପାରିବେ। ଏହାସହ ବଲାଙ୍ଗିର ଜିଲ୍ଲା ସହ ବୌଦ୍ଧ, କଳାହାଣ୍ଡି ଓ ଫୁଲବାଣୀ ଜିଲ୍ଲାକୁ ସିଧା ସଳଖ ସଂଯୋଗ ହୋଇପାରିବ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂ ଦେଓଙ୍କ ପ୍ରୟାସକୁ ଅଞ୍ଚଳବାସୀଙ୍କ ତରଫରୁ ଏକ ପ୍ରେସ୍‌ବିବୃତ୍ତି ମାଧ୍ୟମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ମେହେର ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବଲାଙ୍ଗିର ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

## ■ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ପ୍ରସ୍ତୁତି ତାଲିମ




ଲାଙ୍ଗିର,୩୦।୫(ସମିସ): ବଲାଙ୍ଗିର ସଦର ବ୍ଲକ୍‌ରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆୟୋଜନ କ୍ରମେ ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ପାଇଁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଏକ ତାଲିମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଦାୟିତ୍ୱ, କର୍ତ୍ତବ୍ୟ, ଭୂମିକା ଉପରେ ସେ ଜଣାଇଥିଲେ।

କିଶୋର ନ୍ୟାୟ ଆଇନ୍ ଉପରେ ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ଆଇନ୍ ତଥା ବାଲ୍ୟବିବାହ ନିରୋଧ ଆଇନ, ପୋକ୍ସୋ ଆଇନ୍, ଶିଶୁ ଶ୍ରମିକ ନିରୋଧ ଆଇନ, ପିସିପିଏନ୍‌ଡିଟି ଆଇନ୍ ଉପରେ ଜଣାଇଥିଲେ। ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ବିଡିଓ ଆନନ୍ଦ ଚରଣ ମିଶ୍ର ଉପସ୍ଥିତ ରହି ଶିଶୁମାନଙ୍କ ପାଇଁ ଥିବା ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିର ୫% ଯୋଜନା ରଖି ଶିଶୁଙ୍କ ପାଇଁ ଖର୍ଚ୍ଚ କରିବା ପାଇଁ ଜଣାଇଥିଲେ। ଜିପିଡିଓ ପ୍ରକାଶ ପନିକ ଉପସ୍ଥିତ ରହି ତାଲିମ୍ ନେଇ କାମରେ ଲଗାଇବା ପାଇଁ ସମସ୍ତ ସରପଞ୍ଚ ଓ ଇଓମାନଙ୍କୁ କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥିତ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ତାଲିମର ଲକ୍ଷ୍ୟ ଉପରେ କହିବା ସହ ସରପଞ୍ଚ ଓ ଇଓମାନଙ୍କ ଭୂମିକା ଉପରେ ଜଣାଇଥିଲେ। ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିର ଅନ୍ ଟାଏଡ ପାଣ୍ଠିର ୫ ପ୍ରତିଶତ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁଙ୍କୁ ଚିହ୍ନଟ କରି ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷାର ଯୋଜନା ପ୍ରସ୍ତୁତି କରିବାକୁ ଗୋଷ୍ଠୀ ଭିତ୍ତିକ ଯୋଜନା ଓ ବ୍ୟକ୍ତିଗତ ଯୋଜନା ପ୍ରସ୍ତୁତି କରିବା ପାଇଁ ତାଲିମ ପ୍ରଦାନ କରିଥିଲେ। ସିଡିପିଓ ସୁବାସିନୀ ଦାସ ବାଲ୍ୟ ବିବାହ ଉପରେ ସଚେତନତା କାର୍ଯ୍ୟକ୍ରମ ଉପରେ ଜଣାଇଥିଲେ। ଚାଇଲ୍ଡ ହେଲ୍ପ ଲାଇନର କେସ ୱାର୍କର ସୁଦନ ଖମାରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ଜୁନ୍ ଓ ଜୁଲାଇରେ ୨୩ଟି ପଞ୍ଚାୟତରେ ଶିଶୁ ସୁରକ୍ଷା ଯୋଜନା କରିବାକୁ କହିଥିଲେ।

## ● କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ କାମ ଘଟଣା

# ଏନ୍‌ଏସି ଜେଇ; ଇଓଙ୍କୁ ଘେରିଲେ ପଡ଼ାବାସୀ

ପାଟଣାଗଡ଼,୩୦।୫ (ସମିସ): ପାଟଣାଗଡ଼ ସହରର ୧୦ ଓ ୧୧ ନମ୍ବର ୱାର୍ଡ କାଦୋପଡାରେ ୨ ମାସ ହେଲା ଡ୍ରେନ୍ ନିର୍ମାଣ କାମ ଚାଲିଛି। ନିମ୍ନମାନର କାମକୁ ନେଇ ପଡ଼ାବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପଡ଼ାବାସୀଙ୍କ ଅଭିଯୋଗ ଆଧାରରେ ଶନିବାର "ସକାଳ"ରେ ଏ ନେଇ ଖବର ପ୍ରକାଶ ପାଇଥିଲା। ଶନିବାର ସକାଳ ୧୧ଟାରେ ପଡାର ୫୦ରୁ ଅଧିକ ଯୁବଗୋଷ୍ଠୀ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ ତଦାରଖ ଦାୟିତ୍ୱରେ ଥିବା ଜେଇ ଓ ଇଓଙ୍କୁ ଘେରିଥିଲେ। ସଙ୍ଗେ ସଙ୍ଗେ ଇଓ ନାରାୟଣ ଦଣ୍ଡସେନା ଓ ଜେଇ କାଦୋପଡା ଯାଇ ସ୍ଥିତି ପରଖିଥିଲେ। ଡ୍ରେନ ନିର୍ମାଣ କାମ ୫ ଦିନ ହେଲା ବନ୍ଦ ଥିବା ଦେଖିଥିଲେ। ଘଟଣାସ୍ଥଳରୁ ଇଓ କାମ କରୁଥିବା ଠିକାଦାରଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ଏନେଇ ପଡ଼ାବାସୀଙ୍କ ସମ୍ମୁଖରେ ଇଓ ଜେଇଙ୍କୁ ତାଗିଦ କରଥିଲେ। ୩ଦିନ ମଧ୍ୟରେ

### ● ୩ ଦିନ ମଧ୍ୟରେ ସମାଧାନ ଲାଗି ପ୍ରତିଶ୍ରୁତି
### ● ପଦକ୍ଷେପ ନ ନେଲେ ରାସ୍ତାକୁ ଓହ୍ଲାଇବେ ପଡ଼ାବାସୀ

ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଲା ପରେ ପଡ଼ାବାସୀ ଚୁପ୍ ହୋଇଥିଲେ। ଅନ୍ୟପଟେ ପଡ଼ାବାସୀ ଅଭିଯୋଗ ଆଣିଛନ୍ତି ଯେ, ପୂର୍ବରୁ ହୋଇଥିବା ନିମ୍ନମାନର କାମର ପୁନଃ କାମ କରାଯାଉ। ଡ୍ରେନ ନିର୍ମାଣ ହେଉଥିବା ଉପରପଟ ଗଡାଣିଆ କରାଯାଉ। ନଚେତ ପୁଣି ବର୍ଷା ସମୟରେ ପାଣି ଜମିବ। ଡ୍ରେନ ନିର୍ମାଣ ପାଇଁ ଖୋଳା ଯାଇଥିବା ଗାତରେ ପାଣି ଭର୍ତ୍ତି ଥାଇ କଂକ୍ରିଟ କରଣ କରାଯାଇଛି। ଜେଇଙ୍କ ବିନା ତଦାରଖରେ କାର୍ଯ୍ୟ ହେଉଛି। ଏହାର ତଦନ୍ତ କରାଯାଇ ଜେଇ ଓ ଠିକାଦାରଙ୍କ ବିରୋଧରେ ଦୃଢ ପଦକ୍ଷେପ ନିଆଯାଉ। ଏହି ଠିକାଦାରଙ୍କ ଟେଣ୍ଡର ବାତିଲ କରାଯାଇ ଅନ୍ୟ ଜଣେ ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଉ। ଡ୍ରେନ କାମ ପୁନଃ ନିର୍ମାଣ ନ ହେବା ପର୍ଯ୍ୟନ୍ତ ବିଲ୍ ବନ୍ଦ କରାଯାଉ। ନଚେତ ପଡ଼ାବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ।

# ଅଜଣା ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଲେ ଯୁବଗୋଷ୍ଠୀ

ଦେଓଗାଁ,୩୦।୫(ସମିସ): ଉପରଝର ଅଞ୍ଚଳରେ ରାସ୍ତାକଡ଼ରେ ଅସହାୟ ଓ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଜଣେ ଅଜଣା ବ୍ୟକ୍ତି ସ୍ଥାନୀୟ ଯୁବ ସଂଗଠନର ସଦସ୍ୟ ସହାୟତାର ହାତ ବଢ଼ାଇଛନ୍ତି। ଦିନେଶ ପଧାନ, ରମେଶ ମହାପାତ୍ର, ରାଜା ପଧାନ, ଧନମାଳୀ ଭୋଇ, ରଞ୍ଜନ ପଧାନ, କାଶୀ ବିଶ୍ୱାଳ, ସୁଧୀର ପଧାନ, ଆଲୋକ ପଧାନ ପ୍ରମୁଖ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଦେଓଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ପାଣି ସମସ୍ୟାରୁ ବିଧାୟକଙ୍କୁ ଘେରଉ



ସଇଁତଳା,୩୦।୫(ସମିସ): ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ଆଜି ସଇଁତଳା ବ୍ଲକ୍ କରମତଲା ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କୁ ଘେରଉ କରିଛନ୍ତି। ଘେରଉ ବେଳେ ଲଜ୍ଜା ଓ ଭୟରେ ବିଧାୟକ ଭିଡିଓ ଉତ୍ତୋଳନକୁ ବିରୋଧ କରିଥଲେ। ତାଙ୍କ ପ୍ରତିନିଧି ଜଣେ ସାମ୍ବାଦିକଙ୍କ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। କରମତଲାରେ ମାସ ମାସ ଧରି ପାନୀୟ ଜଳ ସଙ୍କଟ ଲାଗି ରହିଛି। ନଳକୂପ ଅଚଳ, ଜଳଯୋଗାଣ ପ୍ରକଳ୍ପ ଅକାମୀ ବନ୍ଧର ପୁନଃ ଉଦ୍ଧାର ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆଜି ବିଧାୟକ ଅଞ୍ଚଳ ଗସ୍ତରେ ଆସିଥିବା ବେଳେ ଶତାଧିକ ଗ୍ରାମବାସୀ ତାଙ୍କୁ ଘେରି ଯାଇଥିଲେ। ଉତ୍ୟକ୍ତ ଗ୍ରାମବାସୀ ତୁରନ୍ତ ପାଣି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଦାବି କରିଥିଲେ। ଏହି ସମୟରେ କିଛି ସାମ୍ବାଦିକ ମୋବାଇଲରେ ଘଟଣାର ଭିଡିଓ ଉତ୍ତୋଳନ କରୁଥିବା ଦେଖି ବିଧାୟକ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ବିଧାୟକଙ୍କ ପ୍ରତିନିଧି ବିମଳ ଜୈନ ଜଣେ ସାମ୍ବାଦିକଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇଥିଲେ। ପରେ ସ୍ଥାନୀୟ ଲୋକ ଓ ଅନ୍ୟ ସାମ୍ବାଦିକଙ୍କ ପ୍ରତିବାଦ ପରେ ମୋବାଇଲ ଫେରାଇ ଦିଆଯାଇଥିଲା। ଘଟଣାକୁ ନେଇ ସ୍ଥାନୀୟ ସାମ୍ବାଦିକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହା ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି ସେମାନେ କହିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ସମସ୍ୟା ସମାଧାନ ବଦଳରେ ସତ ଲୁଚାଇବାକୁ ଚେଷ୍ଟା ଚାଲିଛି।

### ● ଭିଡିଓ ଉତ୍ତୋଳନକୁ ବିରୋଧ
### ● ସାମ୍ବାଦିକଙ୍କ ମୋବାଇଲ ଛଡ଼ାଇଲେ

# ଭୁଲ୍ ଚିକିତ୍ସାରୁ ବୃଦ୍ଧଙ୍କ ମୃତ୍ୟୁ; କ୍ୱାକ ଫେରାର

ପାଟଣାଗଡ଼,୩୦।୫ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ନକଲି ଡାକ୍ତର ତଥା କ୍ୱାକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଲରମ୍ବା ଥାନା ରେଙ୍ଗାଲି ଗାଁରେ ଏହାର ପ୍ରମାଣ ମିଳିଛି। ଘସିଏନ ଗାଁର କ୍ୱାକ୍ କୁଞ୍ଜବନ ମେହେରଙ୍କ ଭୁଲ୍ ଚିକିତ୍ସା ଯୋଗୁଁ ରେଙ୍ଗାଲିର ବୃଦ୍ଧ ଈଶ୍ୱର ସାହାଣୀଙ୍କ ମୃତ୍ୟୁ ଘଟିଛି। ଈଶ୍ୱରଙ୍କୁ ଝାଡା ହେଉଥିଲା। ଗତ ୨୭ ତାରିଖରୁ କ୍ୱାକ୍ ତାଙ୍କ ଚିକିତ୍ସା କରୁଥିଲେ। ଶୁକ୍ରବାର ଈଶ୍ୱର ଦୁର୍ବଳ ଅନୁଭବ କରିବାରୁ କୁଞ୍ଜବନ ତାଙ୍କୁ ଏକ ସାଲାଇନ ଦେଇଥିଲେ। ସାଲାଇନରେ ଗୋଟିଏ ଇଞ୍ଜେକ୍ସନ ଭର୍ତ୍ତି କରିଥିଲେ। ଏହାପରେ ହଠାତ ଈଶ୍ୱର ଅଚେତ ହୋଇପଡ଼ିଥିଲେ। ଏହାପରେ ନକଲି ଡାକ୍ତର କୁଞ୍ଜବନ ଖସି ପଳାଇବାକୁ ଯୋଜନା କରିଥିଲେ। ବାଇକ ଡିକିରେ ଇଞ୍ଜେକ୍ସନ ଅଛି। ଆଣୁଛି କହି



ସେଠାରୁ ଫେରାର ମାରିଥିଲେ। ପରେ ଈଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ପୁଅ ଆନନ୍ଦ ଘସିଏନ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର କିନ୍ତୁ ମୃତ ଘୋଷଣା କରି ପୁଲିସକୁ ଖବର ଦେଇଥିଲେ। ନକଲି ଡାକ୍ତର କୁଞ୍ଜବନ ମେହେର ତାଙ୍କ ବାପାଙ୍କୁ ଭୁଲ୍ ଚିକିତ୍ସା କରିବା ଯୋଗୁଁ ତାଙ୍କ ମୃତ୍ୟୁ ଘଟିଥିବା ଲରମ୍ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ତଦନ୍ତ ଜାରି ରଖିଛି। ନକଲି ଡାକ୍ତର କୁଞ୍ଜବନ ଫେରାର ଥିବା ଥାନା ଅଧିକାରୀ ଭାନୁଶଙ୍କର ଯାଦବ ସୂଚନା ଦେଇଛନ୍ତି। ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ସଂଗଠକ ଗଣେଶ ମହତଙ୍କ ପରଲୋକ

କଣ୍ଟାବାଞ୍ଜି,୩୦।୫(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି 'ସକାଳ' ପ୍ରତିନିଧି ରୋହନ ମହତଙ୍କ କାକା ତଥା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ବାସିନ୍ଦା ଗଣେଶ ମହତ (୪୫)ଙ୍କ ଶନିବାର ପରଲୋକ ହୋଇଛି। ଦୀର୍ଘ ବର୍ଷ ଧରି ସେ କିଡ୍‌ନୀ ଓ ମଧୁମେ ରୋଗରେ ଆକ୍ରାନ୍ତ ହୋଇ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଜଣେ ଦକ୍ଷ ସଂଗଠକ ଭାବେ ସେ ପରିଚିତ ଥିଲେ। ନିର୍ବାଚନ ସମୟରେ ତାଙ୍କ ଭୂମିକା ବହୁ ଗୁରୁତ୍ୱ ବହନ କରୁଥିଲା। ଅଞ୍ଚଳର ଉନ୍ନତି ପାଇଁ ସେ ସବୁବେଳେ ତତ୍ପର ଥିଲେ। ତାଙ୍କ ବିୟୋଗ ଖବର ଶୁଣି ଚଟୁଅନକା ପଞ୍ଚାୟତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବେହେରେନସିଲେଟ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ରିତେଶ ମହତ ମୁଖାଗ୍ନି ଦେଇଥିଲେ। ପୁତୁରା ରୋହନ ମହତ, ସୁମନ ମହତ, ରାହୁଲ ମହତ, ଭାଇ ପ୍ରମୋଦ ମହତ, ଭଣଜା ସୌମ୍ୟରଞ୍ଜନ ବାଗଙ୍କ ସମେତ ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ସାମ୍ବାଦିକ, ରାଜନେତା ଏବଂ ସାମାଜସେବୀ ଶେଷ ଦର୍ଶନ କରିଛନ୍ତି।



# ବେଆଇନ ମାଟି ଚାଲାଣ ଉପରେ ଚଢ଼ଉ

ବଲାଙ୍ଗିର,୩୦।୫(ସମିସ): ବଲାଙ୍ଗିର ସହର କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ବେଆଇନ ଭାବେ ଲାଲ୍ ମାଟି ଉଠାଇବା ବେଳେ ଶନିବାର ଖଣି, ରାଜସ୍ୱ ଓ ପୁଲିସ ମିଳିତ ଭାବେ ଚଢଉ କରଛି। ବିନା ଅନୁମତିରେ ମାଟି ଉଠାଇବା ଅଭିଯୋଗରେ ଏହି ସ୍ୱତନ୍ତ୍ର ଟିମ୍ ଚଢଉ କରିଥିଲା। ୨ଟି ହାଇୱା, ଗୋଟିଏ ଜେସିବି ଜବତ ହୋଇଛି। ସହାୟକ ଜିଲ୍ଲାପାଳ ସୌମ୍ୟରଞ୍ଜିନ ନାଏକ, ଖଣି ଅଧିକାରୀ ଚନ୍ଦ୍ରକାନ୍ତ ମହନ୍ତଙ୍କ ନେତୃତ୍ୱରେ କରାଯାଇଥଲା।

# ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

ପାଟଣାଗଡ଼,୩୦।୫(ସମିସ): ପାଟଣାଗଡ଼ ଥାନା ପୁଲିସ ଦୁଇ କୁଖ୍ୟାତ ବାଇକ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୋନପୁର ଝୁପୁଡିପଡାର ସାରଥୀ ବାଗ (୨୪) ଓ ସଇଁତଳା ଥାନା ସାଗରପାଲି ଗାଁର ରମଜାନ ଓରଫ ପିଣ୍ଟୁ (୨୬)। ମାର୍ଚ୍ଚ ୨ ତାରିଖ ଦିନ ପାଟଣାଗଡ଼ ଥାନା ବ୍ରହ୍ମପୁରାର ବିଭୁତି ଜୁଏଡ଼ କାଳିଆକାହ୍ନୁ ମନ୍ଦିର ନିକଟକୁ ଯାଇଥିଲେ। ସେଠାରୁ ତାଙ୍କ ବାଇକ ହିରୋ ଗ୍ଲାମର ଓଡି ୦୩ ସି ୭୬୮୯ ଚୋରି ହୋଇଯାଇଥିଲା। ଏନେଇ ପାଟଣାଗଡ଼ ଥାନାରେ ସେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଚୋରି ମାମଲାରେ ପୁଲିସ ଶନିବାର ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ସାରଥୀ ନାଁରେ ଜିଲ୍ଲାର ବିଭିନ୍ନ ଥାନାରେ ୧୧ଟି ମାମଲା ଅଛି। ରମଜାନ ନାଁରେ ତୁଷରା ଓ ସଇଁତଳା ଥାନାରେ ୩ଟି ମାମଲା ରହିଥିବା ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।



# ଜାତିଆଣ ଆକ୍ଷେପ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ମ.ରାମପୁର, ୩୦।୫(ସମିସ):** ଜଣେ ବ୍ୟକ୍ତିଙ୍କ ସରକାରୀ ବାବୁଙ୍କ ଜାତିଆଣ ଆକ୍ଷେପ ସହ ଧମକପୂର୍ଣ୍ଣ ମନ୍ତବ୍ୟ ନେଇ ଅଭିଯୋଗ। ପ୍ରାପ୍ତ ସୂଚନାନୁଯାୟୀ ମଦନପୁର ରାମପୁର ବ୍ଲକ ପଣ୍ଡାକାମାଲ କଲୋନୀପଡ଼ାର ହାବିଲ ହରପାଲ କିଛି ଦିନ ତଳେ ଅନ୍ତ୍ୟୋଦୟ ଯୋଜନାରେ ଗୃହ ଆବେଶ ପାଇଥିଲେ। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ଥିବାରୁ ସେ ଘର ତିଆରି କରିବାରେ ଅସମର୍ଥ ହୋଇଥିଲେ। ଯାହାକୁ ନେଇ ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ସାହୁ ଶୁକ୍ରବାର ଦିନ ତାଙ୍କ ଘରକୁ ଯାଇ ବାରମ୍ବାର ଗୃହ ନିର୍ମାଣ କରିବା ପାଇଁ ତାଗିଦ୍ କରିଥିଲା। ଏନେଇ ହାବିଲ୍ ହରପାଲଙ୍କ ସହ ଯୁକ୍ତି ହୋଇଥିଲା, କାର୍ଯ୍ୟନିର୍ବାହୀ ଅଧିକାରୀ ଜଣକ ଉତ୍ତେଜିତ ହୋଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜାତିକୁ ନେଇ ନାନାଦି ପ୍ରକାର ନିନ୍ଦା କରିଥିଲେ। ଯାହା ଉକ୍ତ ବ୍ୟକ୍ତି ଜଣଙ୍କ ବ୍ୟଥିତ କରିଛି। ଏହାର ସୁବିଚାର ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଅବଗତି ଲାଗି ଲିଖିତ ଅଭିଯୋଗ କରିଥିବା ଜଣା ଯାଇଛି।

# ଭଟାଙ୍ଗପଦରରେ କଂଗ୍ରେସର କର୍ମୀ ସମ୍ମିଳନୀ



**ଲାଞ୍ଜିଗଡ଼, ୩୦।୫(ସମିସ):** ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତ ଖେଳ ପଡ଼ିଆରେ କଂଗ୍ରେସ ପଞ୍ଚାୟତ ସଭାପତି ଦୁଲ ମାଝୀଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼ ବଳଭଦ୍ର ମାଝୀ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ବହୁମତରେ ଭୋଟ ଦେଇ ଜିତେଇବାକୁ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇ ବିଜେପି ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କଂଗ୍ରେସ କମିଟି ମହିଳା ସାଧାରଣ ସମ୍ପାଦିକା ଦ୍ରୌପଦି ମାଝୀ, କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମନୋଜ କୁମାର ରାଉତ, ଜିଲ୍ଲା କାର୍ଯ୍ୟକାରିଣୀ କମିଟିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ, ସକ୍ରିୟ ସଦସ୍ୟ ଟି ପ୍ରଭାକର ରାଓ, ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପ୍ରଧାନୀ, ସାଧାରଣ ସମ୍ପାଦକ ଗଣେଶ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚକ୍ରଧର ମାଝୀ, ଜଗନ୍ନାଥପୁର ସମିତି ସଭ୍ୟ ପ୍ରଦିପ ମାଝୀ, ଲାଞ୍ଜିଗଡ଼ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ତୁଳ, ଲାଞ୍ଜିଗଡ଼ ରାଜିବ ଗାନ୍ଧୀ ପଞ୍ଚାୟତ ରାଜ ସଗଠନ ଆବାହକ ମୁଲୁ ମାଝୀ, ରବି ମାଝୀ ପ୍ରମୁଖ ମଞ୍ଚାସିନ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ଜିଲ୍ଲା ପରିଷଦ ଓ ନିଜ ଦଳ ସମର୍ଥିତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ହାତେଇବେ ଉପସ୍ଥିତ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଯୁବ ନେତା ଗୋପାଳ ଦାସ ମହାନନ୍ଦ ସଭା ପରିଚାଳନା କରିଥିବା ବେଳେ ନିର୍ମଳ ବାଗ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶେଷରେ କଂଗ୍ରେସ ନେତା ଭାସ୍କର ଚନ୍ଦନ ଧନ୍ୟବାଦ ଦେଇଥିଲେ।

## ବିକାଶ ଇନଷ୍ଟିଟ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରୀମାନଙ୍କ ସଫଳତା

# ବିବିଏ ଓ ବିସିଏରେ ବିଶ୍ୱବିଦ୍ୟାଳୟ ଟପ୍ପର

**ଭବାନୀପାଟଣା, ୩୦।୫(ସମିସ):** ବିକାଶ ଇନଷ୍ଟିଟ୍ୟୁଟ୍ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ପୁଣିଥରେ ଉତ୍କୃଷ୍ଟ ଶିକ୍ଷାଗତ ସଫଳତା ହାସଲ କରିଛି। ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଦ୍ୟ ପ୍ରକାଶିତ ସ୍ନାତକ ପରୀକ୍ଷା ଫଳାଫଳରେ ଅନୁଷ୍ଠାନର ଛାତ୍ରୀ କୁମାରୀ ଗୁନଗୁନ ପ୍ରିୟଦର୍ଶିନୀ ପ୍ରଧାନ ବିବିଏ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ କୁମାରୀ ସଲୋନି ବେହେରା ବିସିଏ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ଅନୁଷ୍ଠାନର ସମସ୍ତ ସ୍ନାତକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ (୧୦୦%) ଫଳାଫଳ ହାସଲ କରିଛନ୍ତି। ଉଲ୍ଲେଖନୀୟ ସଫଳତା ପାଇଁ ଏଲ୍‌ଭିଜିଆଇର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାମ କୁମାର, ମୁଖ୍ୟ ଏକାଡେମିକ ଅଫିସର ଡି. ବିଜୟା ଓ ଡି.ପଦ୍ମିନୀଙ୍କ ସହ ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ସୁଦୀପ୍ତ କୁମାର ଜାନା ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଟପ୍ପର ଛାତ୍ରୀମାନଙ୍କୁ ଓ ସମସ୍ତ ସଫଳ ସ୍ନାତକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସଫଳତା ପଛରେ ଛାତ୍ରଛାତ୍ରୀଙ୍କ ନିଷ୍ଠା, ଅଧ୍ୟବସାୟ ଏବଂ ଅଧ୍ୟାପକମାନଙ୍କ ନିରନ୍ତର ମାର୍ଗଦର୍ଶନ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମତ ପ୍ରକାଶ ପାଇଛି।

# ଡିଏମଡି ପୀଡ଼ିତ ବାଳକଙ୍କ ଚିକିତ୍ସା ପାଇଁ ସହାୟତା

**ନୂଆପଡ଼ା, ୩୦।୫ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଏକ ଡୁଚେନ ମସ୍କୁଲାର ଡିଷ୍ଟ୍ରୋଫି ରୋଗରେ ପୀଡ଼ିତ ଜଣେ୧୪ ବର୍ଷୀୟ ବାଳକର ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ସହାୟତା ଚେକ୍ ପ୍ରଦାନ କରିଛନ୍ତି। ଖଡ଼ିଆଳ ଥାନା ଗୋଡ଼ଧୁଆପଦର ଗ୍ରାମର ସଚିନ ଶବର ଦୀର୍ଘଦିନ ଧରି ଦୁରାରୋଗ୍ୟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଶନିବାର ଜିଲ୍ଲାପାଳ ୧୦ଲକ୍ଷ ଟଙ୍କାର ଚେକ୍ ତାଙ୍କ ପିତା ଗଣେଶ ଶବରଙ୍କୁ ହସ୍ତାନ୍ତର କରାଯାଇଛି। ଗଣେଶ ଶବରଙ୍କ ପରିବାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବାରୁ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ବ୍ୟୟ ବହନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନଥିଲା। ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଆବେଦନର ଯାଞ୍ଚ ଓ ସୁପାରିଶ ପରେ ଚିକିତ୍ସା ଲାଗି୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଉପ ଜିଲ୍ଲାଜରୁରୀକାଳୀନ ଅଧିକାରୀ ଶେଖ ନସୀମ ଉପସ୍ଥିତ ଥିଲେ।

## କଳାହାଣ୍ଡି ଜିଲ୍ଲାରେ ଏସ୍ଆଇଆର୍ ଆରମ୍ଭ

# ୧୪୧୩ ଜଣ ବିଏଲ୍ଓ ନିୟୋଜିତ

**ଭବାନୀପାଟଣା, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଅଭିଯାନ ଶନିବାର ଠାରୁ ଆରମ୍ଭ ହୋଇଛି। ଓ୍ୱାଇନ ହଲରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ସାମ୍ବାଦିକ ସମ୍ମିଳନୀରେ ଅଭିଯାନର ବିଷୟ ବସ୍ତୁ ଓ ଲକ୍ଷ୍ୟ ଉପରେ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲାର ସମୁଦାୟ ୫ଟି ନିର୍ବାଚନ ମଣ୍ଡଳୀରେ ୧୪୧୩ଟି ବୁଥରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ୫ ଜଣ ଇଆରଓ, ୩୨ଜଣ ଏଇଆରଓ, ଏବଂ ୧୪୨ ଜଣ ବିଏଲଓ ସୁପରଭାଇଜରଙ୍କ ସମେତ ୧୪୧୩ ଜଣ ବିଏଲ୍ଓ ନିୟୋଜିତ ହୋଇଛନ୍ତି। ଜୁନ୍ ୨୮ ପର୍ଯ୍ୟନ୍ତ ବିଏଲଓମାନେ ସମସ୍ତ ଭୋଟରଙ୍କ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରି ଦୁଇଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମଟିକୁ ସଠିକ ଭାବରେ ପୂରଣ କରିବାରେ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବେ। ଏଥିସହ ମତଦାତାଙ୍କ ଦ୍ୱାରା ଆବଶ୍ୟକୀୟ ସୂଚନା ପୂରଣ ହେବା ପରେ ସେଗୁଡ଼ିକୁ ସଂଗ୍ରହ କରି ଏହାର ପ୍ରମାଣ ସ୍ୱରୂପ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଏହାପରେ ଆଗାମୀ ୨୮ ଜୁନ୍ ୨୦୨୬ ସୁଦ୍ଧା



ସମସ୍ତ ମତଦାନ କେନ୍ଦ୍ରର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯିବା ସହିତ ୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ବା ଡ୍ରାଫ୍ଟ ଇଲେକ୍ଟୋରାଲ ରୋଲ ପ୍ରକାଶ ପାଇବ। ମତଦାତାଙ୍କ କୌଣସି ଦାବି/ ଆପତ୍ତି ଥିଲେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ସୁଦ୍ଧା ଦାଖଲ କରିପାରିବେ। ପ୍ରାପ୍ତ ହୋଇଥିବା ସମସ୍ତ ଦାବି/ ଆପତ୍ତିର ସତ୍ୟାସତ୍ୟତା ଯାଞ୍ଚ ତଥା ପରିଗଣନା ଫର୍ମରେ ଭୋଟରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ପୂର୍ବ ଏସ୍ଆଇଆର-୨୦୦୨ ଭୋଟର ତାଲିକାର ବିବରଣୀ/ଡାଟାବେସ୍ ସହ ମେଳ ଖାଉନଥିଲେ କିମ୍ବା ଉପଲବ୍ଧ ନ ଥିଲେ ନିର୍ବାଚକ ପଞ୍ଜୀକରଣ ଅଧିକାରୀ/ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ/ଏଇଆରଓ) ସେହି ଭୋଟରମାନଙ୍କୁ ନୋଟିସ ଜାରି କରିବେ। ନୋଟିସ ପାଇବା ପରେ, ଭୋଟରମାନେ ଉପଯୁକ୍ତ ଦସ୍ତାବିଜ ଇଆରଓ/ଏଇଆରଓମାନଙ୍କ ପ୍ରଦାନ କରି ସଂଶୋଧନ କରିପାରିବେ। ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏହି ଯାଞ୍ଚ ସରିବା ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଭୋଟର ତାଲିକାରେ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ଏବଂ ଅଯୋଗ୍ୟଙ୍କ ନାମ ହଟାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଯେଉଁମାନେ ବାହାରେ ରହୁଛନ୍ତି କିମ୍ବା ଅଫଲାଇନରେ ଫର୍ମ ପୂରଣ କରିପାରିବେ ନାହିଁ, ସେମାନେ ଅନଲାଇନ ମାଧ୍ୟମରେ ନିଜର ଆବେଦନ ଦାଖଲ କରିପାରିବେ, ଯାହାକୁ ପରେ ବିଏଲଓ ଏବଂ ଇଆରଓ ଯାଞ୍ଚ କରିବେ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ସଫଳ କରିବା ନିମନ୍ତେ ବିଏଲଓ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ କଳାହାଣ୍ଡି ବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ଓ ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଉପସ୍ଥିତ ଥିଲେ।

# ମୃତଦେହ ଉଦ୍ଧାର ଘଟଣାର ତଦନ୍ତ

**କୋକସରା, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ସଦର ପଞ୍ଚାୟତ ମତ୍ସ୍ୟ ବିଭାଗ ପଛପଟ ପୋଖରୀ ହୁଡ଼ାରୁ ଶନିବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ କୋକସରା ଗ୍ରାମର ରଘୁମଣି ନିଏଲ(୬୧)। ଗୋପାଳକମାନେ ପ୍ରଥମେ ଶବ ଦେଖିବା ପରେ ପୋଲିସକୁ ସୂଚନା ଦେଇଥିଲେ। ମୃତ ରଘୁମଣିଙ୍କ ନିଜ ଗ୍ରାମମହାଜନଗୁଡା ହୋଇଥିବା ବେଳେ, ସେ ଦୀର୍ଘ ବର୍ଷ ହେବ କୋକସରାରେ ଘରଜ୍ୱାଇଁ ହୋଇ ରହୁଥିଲେ। ସ୍ତ୍ରୀଙ୍କ ଦେହାନ୍ତ ଓ କୌଣସି ପୁଅଝିଅ ନଥିବାରୁ ସେ ଏକାକୀ ଜୀବନ କାଟୁଥିଲେ। ମୃତ୍ୟୁର ସ୍ପଷ୍ଟ କାରଣ ଜଣାପଡ଼ି ନଥିବା ବେଳେ, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କୋକସରା ଥାନା ପୁଲିସ ସୂଚନା ଦେଇଛି।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଆରମ୍ଭ

# ଗୁଜବ ଓ ଭ୍ରମାତ୍ମକ ସୂଚନାଠାରୁ ଦୂରେଇ ରହିବାକୁ ପରାମର୍ଶ

**ନୂଆପଡ଼ା, ୩୦।୫ (ସମିସ):** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆଜିଠାରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସବିଶେଷ ସୂଚନା ଦେଇଛନ୍ତି। ଏସ୍ଆଇଆର ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ଅଧିକ ନିର୍ଭୁଲ, ତ୍ରୁଟିମୁକ୍ତ ଏବଂ ଅଦ୍ୟତନ କରିବା। ଏହା ମାଧ୍ୟମରେ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବା ସହ ମୃତ, ସ୍ଥାନାନ୍ତରିତ ଏବଂ ଦ୍ୱିତୀୟ ନାମଭୁକ୍ତିଗୁଡ଼ିକୁ ଚିହ୍ନଟ କରି ସଂଶୋଧନ କରାଯିବ। ଆଜିଠାରୁ ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଘରକୁ ଘର ଯାଇ ମତଦାତାଙ୍କ ସୂଚନା ଯାଞ୍ଚ କରିବା ସହ ଗଣନା ଫର୍ମ ସଂଗ୍ରହ କରିବେ। ପ୍ରାପ୍ତ ତଥ୍ୟ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। କାର୍ଯ୍ୟର ସଫଳ ରୂପାୟନ ପାଇଁ ସମସ୍ତ ବିଏଲଓ ଓ ବିଏଲଓ ସୁପରଭାଇଜରଙ୍କୁ ପୂର୍ବରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବାବେଳେ ଡେପୁଟି ଜିଲ୍ଲାପାଳ (ନିର୍ବାଚନ), ଉପଜିଲ୍ଲାପାଳ, ଏଇଆରଓ ଏବଂ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀମାନେ ପ୍ରକ୍ରିୟାର ନିରନ୍ତର ତଦାରଖ କରିବେ। ୭୧-ନୂଆପଡ଼ା ବିଧାନସଭା କ୍ଷେତ୍ରରେ ମୋଟ ୨, ୪୯, ୯୭୨ ଜଣ ମତଦାତା ଥିବାବେଳେ ସେଥିମଧ୍ୟରୁ ୨, ୩୯, ୦୪୮ ଜଣଙ୍କ ମ୍ୟାପିଂ ସମ୍ପନ୍ନ ହୋଇଛି, ଯାହା ୯୫.୬୩ ପ୍ରତିଶତ। ସେହିପରି ୭୨-ଖଡ଼ିଆଳ ବିଧାନସଭା କ୍ଷେତ୍ରରେ ମୋଟ ୨, ୫୫, ୩୦୪ ଜଣ ମତଦାତାଙ୍କ ମଧ୍ୟରୁ ୨, ୪୩, ୮୪୮ ଜଣଙ୍କ ମ୍ୟାପିଂ ସମ୍ପନ୍ନ ହୋଇଥିବାବେଳେ ଏହାର ହାର ୯୫.୫୧ ପ୍ରତିଶତ ରହିଛି। ଏସ୍ଆଇଆର୍ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ, ଜୁଲାଇ ୫ ତାରିଖରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ ଏବଂ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ।ବିଏଲଓମାନେ ଘରକୁ ଯିବାବେଳେ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏସ୍ଆଇଆର୍‌କୁ ନେଇ ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ଭ୍ରମାସକ ସୂଚନା କିମ୍ବା ଗୁଜବକୁ ବିଶ୍ୱାସ ନ କରି ନାଗରିକମାନେ କେବଳ ନିର୍ବାଚନ ଆୟୋଗ ଓ ଜିଲ୍ଲା ପ୍ରଶାସନର ଅଧିକୃତ ସୂଚନା ଉପରେ ନିର୍ଭର କରନ୍ତୁ।ଭୋଟର ତାଲିକା ସମ୍ବନ୍ଧୀୟ ସହାୟତା ପାଇଁ ନାଗରିକମାନେ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ। ସେହିପରି ହେଲ୍ପ ଲାଇନ ମାଧ୍ୟମରେ ମଧ୍ୟ ବିଭିନ୍ନ ସେବା ଉପଲବ୍ଧ ରହିଛି। ସାମ୍ବାଦିକ ସମ୍ମିଳନୀରେ ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ୩ ଗୋରୁ ମୃତ

**ସିନାପାଲି, ୩୦।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ବଜ୍ରପାତ ଘଡ଼ଘଡ଼ି ହୋଇଥଲା। ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଳପଞ୍ଚାୟତର ମହଗାଁର ୩ ଜଣ ଚାଷୀଙ୍କ ଗୋରୁ ବଜ୍ରପାତରେ ମୃତ୍ୟୁ ଘଟିଛି ।ଶନିବାର ଅପରାହ୍ନ ପ୍ରାୟ ୪ ଘଣ୍ଟା ସମୟରେ ଘଡ଼ଘଡ଼ି ସହିତ ବଜ୍ରପାତ ହୋଇଥିଲା। ଏକ ଗଛ ମୂଳରେ ଗାଇ ଗୋରୁ ଛିଡା ହୋଇଥିବା ବେଳେ ହଠାତ୍ ବଜ୍ରପାତ ହୋଇ ମୃତ୍ୟୁ ଘଟିଛି। ଗ୍ରାମର ଭୁବନେ ମାଝି, ସୁବେ ମାଝି ଓ ତୁଲାରାମ ହରିଜନଙ୍କ ଗାଇ ଗୋରୁ ବୋଲି ଜଣାପଡ଼ିଛି। ସରକାରୀ ସହାୟତା ଯୋଗାଇବାକୁ ଦାବି ହେଉଛି।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ମ.ରାମପୁର, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ବିଡ଼ିଓ ଶରତ କୁମାର ସେଠୀ, ସହକାରୀ ଯନ୍ତ୍ରୀ ବଲବିନ୍ଦର ସିଂହ ଯାଦବ, ଏବିଡ଼ି ଓ ଲକ୍ଷ୍ମଣ ପଧାନ ଯୋଗ ଦେଇଥିଲେ ।ପ୍ରତ୍ୟେକ ପଞ୍ଚାୟତର ପିଇଓ, ଏଡ଼ିଇଓ, ସିଆରପି ଉପସ୍ଥିତ ରହି ପଞ୍ଚାୟତରେ ହେଉଥିବା ମନରେଗା ଯୋଜନାରେ ହୋଇଥବା ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ମନରେଗା ଯୋଜନାରେ ଯେ କୌଣସି ନିର୍ମାଣ କାମ ଆରମ୍ଭ ପୂର୍ବରୁ ଲୋକଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଇବାର ନିୟମ ଥିଲେ ହେଁ ତାହା କରାଯାଉନଥିବା, ଫଟୋ ଅପଲୋଡ଼ କରାଯାଉନଥିବା, ନିୟମ ମୁତାବକ କାମ ହେଉନଥିବା ବିଷୟରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦେବାକୁ ପିଇଓ, ଏଡିଇଓଙ୍କୁ ତାଗିତ କରାଯାଇଥିଲା ।ଏହି ଶିବିରରେ ବନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ କୃଷି ବିଭାଗର କର୍ମଚାରୀ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

**ଗୋଲାମୁଣ୍ଡା, ୩୦।୫(ସମିସ):** ଗୋଲାମୁଣ୍ଡା ବ୍ଲକ ସିନାପାଲି ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରହରି ନାଏକଙ୍କ ଅକାଳ ବିୟୋଗ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡ଼ିଛି। ତାଙ୍କର ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହ ସିନାପାଲି ଗ୍ରାମ ପଞ୍ଚାୟତରେ ଗଭୀର ଶୋକ ର ଛାୟା ଖେଳିଯାଇଛି। ଜଣେ ଦକ୍ଷ ଓ ଜନପ୍ରିୟ ଅଧିକାରୀ ଶ୍ରୀ ଗୌରହରି ନାଏକ ସିନାପାଲି ଗ୍ରାମ ପଞ୍ଚାୟତରେ ନିଜର ଦାୟିତ୍ୱ ଅତ୍ୟନ୍ତ ସୁଚାରୁ ରୂପେ ସମ୍ପାଦନ କରୁଥିଲେ ।ତାଙ୍କର ଅକାଳ ବିୟୋଗ ସିନାପାଲି ପଞ୍ଚାୟତ ପାଇଁ ଏକ



ଅପୂରଣୀୟ କ୍ଷତି ସଦୃଶ। ଜଣେ ଦକ୍ଷ, କର୍ମଠ ଏବଂ ପରୋପକାରୀ ଅଧିକାରୀଙ୍କୁ ହରାଇ ସ୍ଥାନୀୟ ଜନସାଧାରଣ, ସହକର୍ମୀ ସମେତ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ସିନାପାଲି ସରପଞ୍ଚ ନଉକେଶ୍ୱର ପୁଟେଲ ପ୍ରମୁଖ ଗଭୀର ମର୍ମାହତ ହୋଇଛନ୍ତି। ତାଙ୍କର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ବିଭିନ୍ନ ମହଲରୁ ସମବେଦନା ଜ୍ଞାପନ କରାଯାଇଛି।

# ମରିଗଲେ ଶତାଧିକ କୁକୁଡ଼ା ଛୁଆ

**କୋମନା, ୩୦।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମହୁଲଭଟା ଗ୍ରାମରେ କାଳବୈଶାଖୀ ରଚିଛି ତାଣ୍ଡବ। ପ୍ରଳୟଙ୍କରୀ ଝଡ଼ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ କୁକୁଡ଼ା ଚାଷୀଙ୍କ ଫାର୍ମରେ ଶତାଧିକ କୁକୁଡ଼ା ଛୁଆଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମହୁଲଭଟା ଗ୍ରାମର ଶିକ୍ଷିତ ଯୁବକ ସୁଦାମ ସାହୁ ପାଠପଢ଼ା ଶେଷ କରିବା ପରେ ଚାକିରି ପଛରେ ନଗୋଡ଼ାଇ ନିଜ ଗୋଡ଼ରେ ଛିଡ଼ା ହେବାକୁ ସଂକଳ୍ପ କରିଥିଲେ। ଏଥିପାଇଁ ସେ ବିଭିନ୍ନ ସୂତ୍ରରୁ ଓ ବ୍ୟାଙ୍କରୁ ଋଣ କରି ପ୍ରାୟ ୨ ବର୍ଷ ପୂର୍ବେ ଏକ କୁକୁଡ଼ା ଫାର୍ମ କରି ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ମାତ୍ରାରେ



ଲାଭବାନ ହେବା ପରେ, ସେ ବ୍ୟବସାୟକୁ ଆଗକୁ ବଢ଼ାଇବା ଆଶାରେ ଚଳିତ ବର୍ଷ ଅଧିକ ସଂଖ୍ୟାରେ କୁକୁଡ଼ା ଛୁଆ ଆଣି ପାଳନ କରିଥିଲେ। ଶୁକ୍ରବାର ଅପରାହ୍ନରେ ହଠାତ ଆସିଥିବା କାଳବୈଶାଖୀର ପ୍ରବଳ ପବନ ଓ ବର୍ଷା ଯୋଗୁଁ କୁକୁଡ଼ା ଫାର୍ମର ବ୍ୟାପକ କ୍ଷତି ହୋଇଛି। ପ୍ରତିକୂଳ ପାଗ ଏବଂ ଅତ୍ୟଧିକ ଚାପ ଯୋଗୁଁ ଫାର୍ମ ଭିତରେ ଥିବା ଶହ ଶହ କୁକୁଡ଼ା ଛୁଆଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଫଳରେ ସୁଦାମଙ୍କ ଲକ୍ଷାଧିକ ଟଙ୍କାର ବ୍ୟବସାୟ ଉଜୁଡ଼ି ଯାଇଛି। ଋଣର ବୋଝ ମୁଣ୍ଡରେ ଥିବା ବେଳେ ଏଭଳି ବଡ଼ ଧରଣର କ୍ଷତି ସୁଦାମଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ସ୍ଥାନୀୟ ପ୍ରଶାସନ, ପ୍ରାଣୀଧନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ସରଜମିନ ତଦନ୍ତ କରି କ୍ଷତିଗ୍ରସ୍ତ ଯୁବ ଚାଷୀ ସୁଦାମ ସାହୁଙ୍କୁ ସରକାରୀ ନିୟମ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

## ଆୟୁଷ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ସମୀକ୍ଷା ବୈଠକ

# ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ନୂଆପଡ଼ା, ୩୦।୫(ସମିସ)**



ନୂଆପଡ଼ା ଜିଲ୍ଲାର ଆୟୁଷ ଅଧିନସ୍ଥ ସରକାରୀ ହୋମିଓପାଥିକ ଓ ଆୟୁର୍ବେଦିକ ଚିକିତ୍ସାଳୟଗୁଡ଼ିକର କାର୍ଯ୍ୟକଳାପ ଏବଂ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପର ସମୀକ୍ଷା ଲାଗି ଜିଲ୍ଲାସ୍ତରୀୟ ବୈଠକ ଶନିବାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଜିଲ୍ଲାଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦ୍ୱାରିକାନାଥ ଶତପଥୀ, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଡ଼. ଦୀନବନ୍ଧୁ ମୁଗ୍ରୀ, ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ଼. ଆଭାମୟୀ ନାୟକ ଓ ଜିଲ୍ଲାର ବିଭିନ୍ନ ଆୟୁଷ ଚିକିତ୍ସକମାନେ ଉପସ୍ଥିତ ଥିଲେ ।ବୈଠକରେ ନୂଆପଡ଼ା ଜିଲ୍ଲାରେ ନବ ସ୍ଥାପିତ ହେବାକୁ ଥିବା ହୋମିଓପାଥି ମେଡିକାଲ କଲେଜ ପାଇଁ ଉପଯୁକ୍ତ ସ୍ଥାନ ଚୟନ ଓ ଆବଶ୍ୟକ ସରକାରୀ ଜମି ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାରୁ ଆୟୁଷ ନିର୍ଦ୍ଦେଶାଳୟ ଏବଂ ସମସ୍ତ ହୋମିଓପାଥି ଚିକିତ୍ସକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଯାଇଥିଲା। ନୂଆପଡ଼ା ଜିଲ୍ଲା ରାଜ୍ୟରେ ନବ ଅନୁମୋଦିତ ପାଞ୍ଚଟି ଆୟୁଷ ମେଡିକାଲ କଲେଜ ମଧ୍ୟରୁ ପ୍ରଥମ ଜିଲ୍ଲା ଭାବେ ଉପଯୁକ୍ତ ସ୍ଥାନ ଚୟନ କରି ଅଗ୍ରଣୀ ଭୂମିକା ନେଇଥିବା ସୂଚିତ କରାଯାଇଥିଲା। ଜିଲ୍ଲାର ପାଞ୍ଚଟି ସରକାରୀ ହୋମିଓପାଥିକ ଚିକିତ୍ସାଳୟକୁ ପ୍ରଥମ ଥର ପାଇଁ ଓଆରଏସ ଯୋଗାଣ କରାଯାଇଥିବାରୁ ଜିଲ୍ଲାପାଳ ଓ ସିଡିଏମ ଏବଂ ପିଏଚ୍‌ଓଙ୍କୁ ଧନ୍ୟବାଦ ଜଣାଯାଇଥିଲା। ଖଇରା ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ମଧ୍ୟ ଅବଗତ କରାଯାଇଥିଲା। ବୈଠକରେ ଗନ୍ଧବାହାଲି, କୁଲିଆବନ୍ଧା ଓ ଖଇରା ସରକାରୀ ହୋମିଓପାଥିକ ଚିକିତ୍ସାଳୟର ଜମି ସ୍ୱାସ୍ଥ୍ୟ ବିଭାଗ ନାମରେ ରେକର୍ଡଭୁକ୍ତ କରିବା, ନୂତନ ଜିଲ୍ଲା ହୋମିଓପାଥିକ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ପାଇଁ ସରକାରୀ ଜମି ଚିହ୍ନଟ, ଅସ୍ଥାୟୀ କାର୍ଯ୍ୟାଳୟର ମରାମତି ଓ ନବୀକରଣ, କୁଲିଆବନ୍ଧା ଓ ସିଆଲାଟି ଚିକିତ୍ସାଳୟରେ ଜଳଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଗନ୍ଧବାହାଲି ହୋମିଓପାଥିକ ଚିକିତ୍ସାଳୟର ନୂତନ ଭବନ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସିଆଲାଟି ଚିକିତ୍ସାଳୟର ପାଚେରୀ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସକୁ ଜିଲ୍ଲାର ସମସ୍ତ ଆୟୁଷ ହେଲ୍‌ଥ ଆଣ୍ଡ ୱେଲନେସ୍ ସେଣ୍ଟରରେ ବ୍ୟାପକ ଭାବେ ପାଳନ କରିବା ଏବଂ 'ଟିବି ମୁକ୍ତ ଭାରତ ଅଭିଯାନ' ଅଧୀନରେ ୧୦୦ ଦିନିଆ ସ୍ୱତନ୍ତ୍ର ସର୍ଭେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହା ସହିତ ଆୟୁଷ ଚିକିତ୍ସକମାନଙ୍କ ପାଇଁ ଆରଏନ୍‌ଟିସିପି ମାଧ୍ୟମରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଆୟୋଜନ ପ୍ରସ୍ତାବ ରଖାଯାଇଥିଲା। ଜିଲ୍ଲାର ଦୁର୍ଗମ ଅଞ୍ଚଳ ସୁନାବେଡ଼ା, ଘାଟମାଳ, ସମତପଦର ଓ ବିକ୍ରମପୁର ଆଦି ଅଞ୍ଚଳରେ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ଅନୁରୋଧ କରାଯାଇଥିଲା। ଏଥିସହ ଗନ୍ଧବାହାଲି ଓ ଖଇରା ଚିକିତ୍ସାଳୟରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବ୍ୟକ୍ତିଙ୍କ ପାଇଁ 'ଦ୍ୱାରମୁହଁରେ ହୋମିଓପାଥି ସେବା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଥିଲାଭ ।ସମୀକ୍ଷା ବୈଠକରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ଉକ୍ତ ସମସ୍ତ କାର୍ଯ୍ୟକୁ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ମଣ୍ଡିରେ ଧାନ ସଂଗ୍ରହ ଅବ୍ୟବସ୍ଥା ନେଇ ଚାଷୀଙ୍କ ବୈଠକ

# ତହସିଲଦାରଙ୍କ ପ୍ରତିଶ୍ରୁତିକୁ ଚାଷୀଙ୍କ ଅପେକ୍ଷା

**ମ.ରାମପୁର, ୩୦।୫(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଅଧକ୍ଷ୍ୟତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅପ୍ରେଲ ୨୪ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଉକ୍ତ ବୈଠକରେ ଜିଲ୍ଲାର ଜନ ପ୍ରତିନିଧି, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଇ ମାସ ୨୦ ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ସମସ୍ତ ମଣ୍ଡିରେ ଡିଜିଟାଲ ଆର୍ଦ୍ରତା ମିଟର, ତାରପୋଲିନ, ୱେବ୍ରିଜ, ଧାନର ଗୁଣମାନ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ବିଶ୍ଳେଷଣ କିଟ୍ ଯୋଗାଇବା ସହିତ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ସିସିଟିଭି ଏବଂ ଧାନ ଦର ଉଲ୍ଲେଖିତ ବୋର୍ଡ ପ୍ରଦର୍ଶନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶ ଏବଂ ଜନ ପ୍ରତିନିଧିଙ୍କ ତାଗିଦ୍ ସତ୍ତ୍ୱେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅଁଳାପାଲି ଉପକେନ୍ଦ୍ର ମଣ୍ଡିରେ ଆଶାନୁରୂପ ଧାନ କିଣା ବିକା ବ୍ୟବସ୍ଥା ପରିବର୍ତ୍ତେ ଅବ୍ୟବସ୍ଥା ଦେଖି ଆଜି ଶତାଧିକ ଚାଷୀ ସ୍ଥାନୀୟ ଉପକେନ୍ଦ୍ର ମଣ୍ଡି ନିକଟ ଗିରି ଗୋବର୍ଦ୍ଧନ ମନ୍ଦିର ପ୍ରାଙ୍ଗଣ ଠାରେ ଏକତ୍ରିତ ହୋଇ କିଭଳି ସୁଚାରୁ ରୁପେ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରିବ ଆଲୋଚନା କରିଥିଲେ। ପରେ ସର୍ବ ସମ୍ମତି କ୍ରମେ ଚାଷୀଙ୍କ ପକ୍ଷରୁ ତହସିଲଦାର ମୀମାଂସା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ପ୍ୟାକ୍ସ କର୍ମଚାରୀଙ୍କ ସହ ୧୧ଟି ସମ୍ବଳିତ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ଧାର୍ଯ୍ୟ ତାରିଖ ଠାରୁ ଆଜିକୁ ୧୦ ଦିନ ବିତି ଯାଇଥିଲେ ହେଁ ମଣ୍ଡି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହା ସତ୍ତ୍ୱେ ଧର୍ଯ୍ୟର ସହ ଚାଷୀ ଅପେକ୍ଷା କରିଚି ।ମିଳିତ କୃଷକ ସଙ୍ଗଠନର ଆବାହକ ତୁମେଶ୍ୱର ସାହୁଙ୍କ ସମତେ ଅବିଭକ୍ତ ସାଇଦଳଙ୍ଗା ଓ ବମକ ପଞ୍ଚାୟତର ଶତାଧିକ ଚାଷୀ ଅଂଶ ଗ୍ରହଣ କରିଥିଲେ।

# ନନ୍‌କ୍ୟାଡର ସରକାରୀ ଓକିଲଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର




ଦେବଗଡ଼,୩୦।୫(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ଆଇନ ବିଭାଗ ଓ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ପକ୍ଷରୁ ନନ୍ କ୍ୟାଡର ଓକିଲଙ୍କ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଅଭିଯୋଜନ ଉପ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥିଭାବେ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲା ଅଭିଯୋଜନ ଉପ ନିର୍ଦ୍ଦେଶକ ଗଣେଶ କୁମାର ବେହେରା, ଯୋଗେଶ୍ୱର ପାତ୍ର, ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ନିରଞ୍ଜନ ନାୟକ ଓ ଏସ୍‌ଡିପିଓ ରମେଶ ମାହାନା ପ୍ରମୁଖ ଯୋଗଦେଇ ଥିଲେ। ଶିବିରରେ ଦେବଗଡ଼ ଜିଲ୍ଲାରେ ନୂତନ ଭାବେ ନିଯୁକ୍ତି ପାଇଥିବା ନନ୍‌କ୍ୟାଡର ଓକିଲଙ୍କୁ ପ୍ରାରମ୍ଭିକ ଓ ପୁନଶ୍ଚର୍ଯ୍ୟା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଅଦାଲତର ସୁ-ପରିଚାଳନା ସହ ମାମଲାର ତ୍ୱରିତ ବିଚାର ପ୍ରକ୍ରିୟା, ନୂତନ ଆଇନର ଅନୁପାଳନ ସହ ଜନସାଧାରଣଙ୍କୁ ନ୍ୟାୟ ପାଳିକା ପକ୍ଷରୁ ଉଚିତ ସହଯୋଗ ପାଇଁ ଏହି ଶିବିର ନବନିଯୁକ୍ତ ନନ କ୍ୟାଡର ଓକିଲଙ୍କୁ ସହାୟକ ହେବ ବୋଲି ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି।

## କମ୍ପାନୀର ପାଉଁଶ ପୋଖରୀ ନିର୍ମାଣ ପ୍ରସଙ୍ଗ

# ୪ ପଞ୍ଚାୟତ ସରପଞ୍ଚ ଓ ସ୍ଥାନୀୟ ଜନସାଧାରଣଙ୍କ ବିରୋଧ

ଝାରସୁଗୁଡା,୩୦।୫(ସମିସ):

ଝାରସୁଗୁଡା ଜିଲ୍ଲା ଲୋଇସିଂହ ପଞ୍ଚାୟତ ତିଳେଇମାଳ ଗ୍ରାମରେ ଦରଲିପାଲିସ୍ଥିତ ଏନ୍‌ଟିପିସି କମ୍ପାନୀର ପାଉଁଶ ପୋଖରୀ ପାଇଁ ହୋଇଥିବା ଜନଶୁଣାଣିକୁ ପୁନର୍ବାର କରିବାପାଇଁ ଦାବି କରାଯାଇଛି। ଏନେଇ ଲୋଇସିଂହ, ରାଜପୁର, ଚାନ୍ଦନୀମାଲ ଓ ଗୌଡ଼ମାଲ ପଞ୍ଚାୟତର ସରପଞ୍ଚ ଏବଂ ସ୍ଥାନୀୟ ଜନସାଧାରଣ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଦରଲିପାଲି ସ୍ଥିତ ଏନ୍‌ଟିପିସି କମ୍ପାନୀ ଦ୍ୱାରା ଝାରସୁଗୁଡା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ତିଳେଇମାଲଠାରେ ପାଉଁଶ ପୋଖରୀ ନିର୍ମାଣ ପାଇଁ ଗତ ଏପ୍ରିଲ ୮ତାରିଖରେ ସାମାଜିକ ପ୍ରଭାବ ଆକଳନ ରିପୋର୍ଟର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଜନଶୁଣାଣି ସମୟରେ ପ୍ରଭାବିତ ହେବାକୁ ଥିବା ଲୋଇସିଂହ ପଞ୍ଚାୟତର କୋଇଲଗା, ବାରଖଣ୍ଡିଆ ଓ ଚାରଭାଟି ଗ୍ରାମର ମହିଳାଙ୍କୁ ସଭାରେ ବସିବା ପାଇଁ ସୁଯୋଗ ଦିଆଯାଇ ନ ଥିଲା। ଏହାଏହିତ ପ୍ରଭାବିତ ଅଞ୍ଚଳର ସରପଞ୍ଚ ମାନଙ୍କୁ ୧୫ଦିନ ଆଗରୁ ନୋଟିସ ମଧ୍ୟ ନ ଦେଇ ପଞ୍ଚାୟତ ଗୁଡ଼ିକ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏହା ସହିତ ବର୍ତ୍ତମାନ କାଳବୈଶାଖୀ ସମୟରେ ପାଉଁଶ ଉଡ଼ିଆସି ବିଭିନ୍ନ ଗ୍ରାମରେ ପ୍ରଦୂଷଣ ସୃଷ୍ଟି କରୁଥିବା ନେଇ ଅଭିଯୋଗ କରାଯାଇଛି। ସାମାଜିକ ଆକଳନ କେଉଁ ଅଞ୍ଚଳରେ କରାଗଲା ତାହା ଜନସାଧାରଣ ଜାଣିପାରିଲେ ନାହିଁ। ଏନ୍‌ଟିପିସି କମ୍ପାନୀର ପ୍ରସ୍ତାବିତ ପାଉଁଶ ପୋଖରୀ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋଇସିଂହ ପଞ୍ଚାୟତର କୋଇଲଗା, ବାରଖଣ୍ଡିଆ, କଦଳିମୁଣ୍ଡା, ବଘିଆବେର୍ଣା, ନିକ୍ରିମାଲ, ଚାରଭାଟି ଆଦି ଗ୍ରାମରେ ସର୍ଭେ କରୁଥିବା ସଂସ୍ଥାର ଜଣେ ମଧ୍ୟ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। କିପରି ଏହାର ଆକଳନ ହେଲା ବୋଲି ଅଭିଯୋଗ ହୋଇଛି। ତିଳେଇମାଲ ଠାରେ ଏନ୍‌ଟିପିସି ଦରଲିପାଳିର ପ୍ରସ୍ତାବିତ ପାଉଁଶ ପୋଖରୀ ହେଲେ ଝାରସୁଗୁଡା ଜିଲ୍ଲାର ଚାରିଟି ପଞ୍ଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ପାଉଁଶ ପୋଖରୀର ପାଣି




### ପ୍ରଭାବିତ ହେବେ ଲୋଇସିଂହ, ରାଜପୁର, ଚାନ୍ଦନୀମାଲ ଓ ଗୌଡ଼ମାଲ ପଞ୍ଚାୟତବାସୀ

ସ୍ଥାନୀୟ ବଘେଇନାଲା, ବସୁନ୍ଧରା ନଦୀ ସମେତ ସ୍ଥାନୀୟ ଅଞ୍ଚଳର ଚାଷ ଜମିକୁ ପ୍ରଦୂଷିତ କରୁଥିବା ନେଇ ଅଭିଯୋଗ ହୋଇଆସୁଥିବା ବେଳେ ପୁଣି ଏହି ଅଞ୍ଚଳରେ ଏନ୍‌ଟିପିସି ପ୍ରସ୍ତାବିତ ପାଉଁଶ ପୋଖରୀ ଫଳରେ ପ୍ରଦୂଷଣ ଆହୁରି ବୃଦ୍ଧି ପାଇବାନେଇ ମସ୍ତ ସରପଞ୍ଚ ଏବଂ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସବୁ ସମସ୍ୟାକୁ ନେଇ ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ , ଚାନ୍ଦନୀମାଲ ସରପଞ୍ଚ ରାଜକୁମାର ସାଏ ଓ ଗୌଡ଼ମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଏବଂ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଏପ୍ରିଲ ୮ ତାରିଖରେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ରିପୋର୍ଟ ଜନଶୁଣାଣିକୁ ବିରୋଧ କରାଯାଇ ପୁନଃ ନିୟମ ଅନୁଯାୟୀ କରାଯିବା ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଯୋଗ୍ୟତା ଅନୁଯାୟୀ ଏନ୍‌ଟିପିସି ଦରଲିପାଲି ପ୍ଲାଣ୍ଟରେ ନିଯୁକ୍ତି ଦେବା, ଏହି ଚାରିଗୋଟି ପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ସିଏସଆର ପାଣ୍ଠିରୁ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ସାତ ଦିନ ମଧ୍ୟରେ ଦାବିପୂରଣ ନ ହେଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ସହିତ ଏନ୍‌ଟିପିସି ଦରଲିପାଲି ଦ୍ୱାରା ବିଭିନ୍ନ ପଞ୍ଚାୟତରେ କରାଯାଉଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ବାଧ୍ୟ ହେବା ନେଇ ଚେତାବନୀ ଦିଆଯାଇଛି।

### ବୈଷୟିକ ଓ ବୃତ୍ତିଗତ ଶିକ୍ଷା ସମ୍ବନ୍ଧୀୟ ପରାମର୍ଶ ଶିବିର

# ଆଗ୍ରହ ଅନୁଯାୟୀ ପଢ଼ି କ୍ୟାରିୟର ଗଠନ ପାଇଁ ପରାମର୍ଶ



ଝାରସୁଗୁଡା,୩୦।୫(ସମିସ): ଶନିବାର ପୂର୍ବାହ୍ନରେ ୯ଟାରେ ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ପିତୃ-ମାତୃହୀନ ଓ ଏକକ ଅଭିଭାବକ ଶିଶୁମାନଙ୍କ ପାଇଁ ବୈଷୟିକ ଏବଂ ବୃତ୍ତିଗତ ଶିକ୍ଷା ସମ୍ବନ୍ଧୀୟ ଏକ ପରାମର୍ଶ ଶିବିର ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେର ଛାତ୍ରଛାତ୍ରୀମାନଙ୍କୁ ନିଜ ରୁଚି ଓ ଆଗ୍ରହ ଅନୁଯାୟୀ ପାଠପଢ଼ା କରି ଭବିଷ୍ୟତରେ ସଫଳ କ୍ୟାରିୟର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଓ ପ୍ରଶିକ୍ଷଣ ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସ୍ୱାଗତ ଜଣାଇବାସହ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ ସମିତି, ଝାରସୁଗୁଡାର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ନିୟମିତ ପାଠପଢ଼ା ଓ ବୃତ୍ତିଗତ ଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ପ୍ରୋତ୍ସାହିତ କରିଥିଲେ। ରାଜ୍ୟ ହୋଟେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ, ବଲାଙ୍ଗିରର ପ୍ରଶିକ୍ଷକ ସାହିଲ ସାହୁ ରୋଜଗାରର ବିଭିନ୍ନ ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ସରକାରୀ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଝାରସୁଗୁଡାର ପ୍ରଶିକ୍ଷକ ସୌରଭ ରଞ୍ଜନ ପଲେଇ ଏବଂ ଦେବାଶିଷ ସାହୁ ବିଭିନ୍ନ ଟ୍ରେଡ୍, ପାଠ୍ୟକ୍ରମ ଓ ତାଲିମ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ସ୍ନେହା ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରାମର୍ଶ ଶିବିରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ୨୨ ଆବେଦନକାରୀଙ୍କୁ ଜମିପଟ୍ଟା ପ୍ରଦାନ



ଦେବଗଡ଼,୩୦।୫(ସମିସ): ରିଆମାଳ ତହସିଲ କାର୍ଯ୍ୟାଳୟରେ ଶନିବାର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ତହସିଲଦାର ବିଜୟ ଲକ୍ଷ୍ମୀ ନାୟକ ଯୋଗଦେଇ ଥିଲେ। ଏଥିରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରାଯାଇଥିଲା। ଏହି ଅନୁଯାୟୀ ତହସିଲଦାରଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ବିଚାରାଧୀନ ଥିବା ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଫଳରେ ତନ୍ମଧ୍ୟରୁ ୨୨ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲ କାର୍ଯ୍ୟା।ଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ଅପେକ୍ଷାରତ ମାମଲାର ତ୍ୱରିତ ଫଇସଲା ସମ୍ଭବ ହୋଇପାରିଛି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତାରୁ ସମୃଦ୍ଧି କର୍ମଶାଳା



ଝାରସୁଗୁଡ଼ା,୩୦।୫(ସମିସ): ଶନିବାର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ଆନୁକୂଲ୍ୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତାରୁ ସମୃଦ୍ଧି ସମ୍ପର୍କିତ ଏକ ସଚେତନତା କର୍ମଶାଳା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାୟୀଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବିଭିନ୍ନ ଉପାୟ, ଉପକାରିତା, ସମାଜରେ ସ୍ୱଚ୍ଛତାର ଆବଶ୍ୟକତା ଉପର ଆଲୋକପାତ କରିବା ସହିତ ସ୍ୱଚ୍ଛତାରୁ ସମୃଦ୍ଧି ସମ୍ପର୍କରେ ଉପସ୍ଥିତ ପ୍ୟାନେଲ୍ ଓକିଲ, ମଧ୍ୟସ୍ଥି ଓ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ସଚେତନ କରାଇଥିଲେ।

# ଜିଲ୍ଲାସ୍ତରୀୟ ଏସ୍‌ଆଇଆର୍ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୩୦।୫ (ସମିସ): ଜିଲ୍ଲାରେ ଏସ୍‌ଆଇଆର-୨୦୨୬ ଅଧୀନ ଆଜିଠାରୁ ବୁଥସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଇଆରଓ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲଳିତ ସୋରେଙ୍ଗ ଏବଂ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ମେ’ ୩୦ରୁ ଆରମ୍ଭ ହୋଇଥିବା ଏହି କ୍ଷେତ୍ରସ୍ତରୀୟ ଅଭିଯାନ ଆସନ୍ତା ଜୁନ୍ ୨୮ ପର୍ଯ୍ୟନ୍ତ ଜାରି ରହିବ। ଏହି ସ୍ୱତନ୍ତ୍ର କ୍ଷେତ୍ର ଅଭିଯାନର ଶୁଭାରମ୍ଭକୁ ସ୍ମରଣୀୟ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ଆଇଆର’ ଥିମ୍ ଆଧାରିତ ଏକ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା। ଏହାପରେ ବିଏଲଓମାନଙ୍କୁ ନେଇ ଏକ ସଚେତନତା ରାଲିର ଆୟୋଜନ ହୋଇଥିଲା। ଏହି ସମାବେଶରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ଝାରସୁଗୁଡ଼ା ପୌରପାଳିକାର ଏଇଆରଓ ସୌମ୍ୟେଶ ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ସଞ୍ଜୀବ ଷଡ଼ଙ୍ଗୀ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ଏବଂ ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଜେଲ୍ ଗଲା ପତ୍ନୀ ହନ୍ତା



ଦେବଗଡ଼, ୩୦।୫(ସମିସ): ରିଆମାଳ ଥାନା କଂସର ଫାଣ୍ଡି ଅଧୀନ ଦୁଧିଆନାଳୀ ଗ୍ରାମରେ ସ୍ୱାମୀର ନିସ୍ଠୁକ ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଣାରେ ଆଜି ରିଆମାଳ ଥାନା ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫକରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାଇ ଦୁଧିଆନାଳୀ ଗ୍ରାମର ଭୀଷ୍ମ ଛତ୍ରିଆ(୫୫) ଅନେକ ସମୟରେ ସ୍ତ୍ରୀ ସୁବାସିନୀ ଛତ୍ରିଆ (୫୦)କୁ ମାର୍‌ପିଟ କରିଆସୁଥିଲା। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ପାରିବାରିକ କଳହରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଭୀଷ୍ମ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସୁବାସିନୀକୁ ନିସ୍ଠୁକ ମାଡ଼ ମାରିବାରୁ ସେ ଗୁରୁତର ହୋଇ ପଡ଼ିଥିଲା। ଗୁରୁତର ସୁବାସିନୀଙ୍କୁ ପରିବାର ଲୋକ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ସୁବାସିନୀଙ୍କ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ସୁବାସିନୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ସୁବାସିନୀଙ୍କ ପୁଅଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ସୁବାସିନୀଙ୍କ ଭାଇ ନବୀନ ମିର୍ଦ୍ଧା ଏ ସମ୍ପର୍କରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିଆମାଳ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତ ଭୀଷ୍ମକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିଲା। ପୁଲିସ ନିକଟରେ ଭୀଷ୍ମ ହତ୍ୟାକାଣ୍ଡ ଘଟଣାକୁ ସ୍ୱୀକାର କରିବା ପରେ ଆଜି ରିଆମାଳ ଥାନା ପୁଲିସ ଅଭିଯୁକ୍ତ ଭୀଷ୍ମକୁ ଗିରଫକରି କୋର୍ଟ ଚାଲାଣ କରିଥିଲା।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ ॥

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସରୋଜିନୀ ଗଡନାୟକ
ନୟାପଲ୍ଲୀ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୦୭.୦୭.୧୯୪୦
ତିରୋଧାନ: ୨୧.୦୫.୨୦୨୬

ବୋଉ ତମେ ଆମ ପାଇଁ ସବୁକିଛି ଥିଲା। ତୁମର ନିରନ୍ତର ଉତ୍ସର୍ଗ, ସ୍ନେହର ଛାୟା ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି । ଆମେ କୃତଜ୍ଞ ଯେ ତୁମେ ଆମକୁ ସତ୍ୟ, ନ୍ୟାୟ ଓ ସହନଶୀଳତାର ପାଠ ଶିଖାଇଛ । ଆମର କଷ୍ଟରେ ସାଥୀ ହୋଇଛ ଏବଂ ସ୍ୱପ୍ନଗୁଡିକୁ ପୂରଣ କରିବାର ଶକ୍ତି ଦେଇଛ । ତୁମର ଅନୁପ୍ରେରଣା ଆମକୁ ସଦା ଚାଲିବାକୁ ଶିଖାଇଛି । ତୁମର ପ୍ରତି ଆମର ଅସୀମ କୃତଜ୍ଞତା - ତୁମେ ଆମ ଜୀବନର ଆଧାର ଥିଲ, ଥିବ ଓ ରହିବ । ଆଜି ଏକାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ
ପୁତ୍ର - ଶାନ୍ତନୁ, ସୁଧିର, ସୁଶୀଲ, ସନ୍ତୋଷ, ଶୁଭେନ୍ଦୁ, ସିଦ୍ଧାର୍ଥ, ଶଶାଙ୍କ, ପୁତ୍ରବଧୂ - ଲିନା, ମମତା, ଆରତୀ, ପ୍ରଭାତୀ, ସଂଧ୍ୟା, ପ୍ରଗତୀ, ସୁନିତା, ଝିଅ- ସରିତା, ଜ୍ୱାଇଁ - ଦାମୋଦର, ନାତି ଓ ନାତୁଣୀ- ଟିନୁ, ସିନୁ, ବାପୁ, ସୋମୁ, ଲିଶୁ, ମାମାଲି, ଟ୍ୱିଙ୍କିଲ, ତୋଷୁ, ଦିଶା, ମିଠୁ, ଲାଲଟୁ, ଅଣନାତି - ପିକୁନ୍, ଗଡ଼ନାୟକ ପରିବାର ଓ ବନ୍ଧୁବାନ୍ଧବ

# କୁମ୍ଭାରବନ୍ଧ ପୋଖରୀ ଘାଟ ମରାମତି କାମ ନିମ୍ନମାନର

ଇବଥର୍ମାଲ,୩୦।୫(ସମିସ):

ଲୋକଙ୍କ ସୁବିଧା ସକାଶେ ସରକାର ଯୋଜନା ଉପରେ ଯୋଜନା କରିବା ସହ ରାଜକୋଷରୁ ପର୍ଯ୍ୟାପ୍ତଅର୍ଥ ବିନିଯୋଗ ହେଉଛି। ହେଲେ ବାସ୍ତବତା ସମୁଦ୍ର କୁ ଶଙ୍ଖେ ଭଳି। ଏପରି ଏକ ଘଟଣା ଆଜି ଦେଖିବାକୁ ମିଳିଛି କୁମ୍ଭାରବନ୍ଧ ପଞ୍ଚାୟତ କୁମ୍ଭାରବନ୍ଧ ଗ୍ରାମରେ। ଗ୍ରାମର ଜଳ ସକାଶେ ଜୀବନରେଖା ସାଜିଥିବା ପାଚେରି ବନ୍ଧ (ପୋଖରୀ) ଗ୍ରାମବାସୀଙ୍କ ଗାଧୋଇବା, ପର୍ବ ପର୍ବାଣୀରେ ପୂଜାପାଠ କରିବା ତଥା ଏହାର ପାଣି ଘରେ ଘରେ ବ୍ୟବହୃତ ହେଉଥିବା ପୋଖରୀ ଅଟେ। ୨୦ ବର୍ଷ ତଳେ ତତ୍କାଳୀନ ଜିଲ୍ଲାପରିଷଦ ସଦସ୍ୟାଙ୍କ ସହଯୋଗ କ୍ରମେ ସରକାରୀ ଅନୁଦାନରେ ଏହି ପୋଖରୀରେ ୩ ଟି ଗାଧୁଆ ଘଟ ନିର୍ମାଣ କରାଯାଇଥିଲା। ଘାଟ ଗୁଡ଼ିକର ଅବସ୍ଥା ଶୋଚନୀୟ ହେବାରୁ ଗ୍ରାମବାସୀ ବାରମ୍ବାର ଏହାର ମରାମତି ଦାବି କରିଆସୁଥିଲେ। ଏବେ ଘାଟ ଗୁଡ଼ିକର ମରାମତି କାମ ଚାଲିଛି। ହେଲେ କେତେ ଟଙ୍କାର କାମ, କିଏ କରୁଛି, କେଉଁ ଅନୁଦାନରୁ କାମ ହେଉଛି ଏହାର କୌଣସି ସୂଚନା ଫଳକ ଦିଆଯାଇନାହିଁ। ଘାଟରେ ଥିବା ପାହାଚ ଗୁଡ଼ିକର କଂକ୍ରିଟ ଉଠି ଗଲାଣି, ଯେଉଁଠି ଉଠିନାହିଁ ତାହା ଦୁର୍ବଳ ହୋଇଗଲାଣି। ସବୁଠି ଶିଉଳି ବସିଯାଇଛି। ହେଲେ ଅଭିଯୋଗ ମତେ ଏବେ ଦୁର୍ବଳ କଂକ୍ରିଟ ନକାଢ଼ି, ଶିଉଳି ନ ହଟେଇ ତାହାରି ଉପରେ ସିମେଣ୍ଟ ମାରି ନିମ୍ନ ମାନର କାମ କରାଯାଉଛି। ଫଳରେ ଏହା କିଛିଦିନ ପରେ ପୁଣି ଉପୁଜିଥିବା ସମ୍ଭାବନା ଦେଖାଦେଇଛି। ଏଦିଗରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେଇ ଉନ୍ନତମାନର କାମ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

### ଗାଧୁଆଘାଟ ମରାମତିକୁ ନେଇ ଜନଅସନ୍ତୋଷ



